SAMBAD - 3.11.05 ୩

# କେବୁଲ ଟିଭି ଆଦାୟ ଅର୍ଥ ଉପରେ ୧୦ ପ୍ରତିଶତ ଟିକସ ଦେବେ

ଭୁବନେଶ୍ୱର, ୨/୧୧ (ଇମିସ): କେବୁଲ ଟିଭିମାନେ ଯେତିକି ଅର୍ଥ ଆଦାୟ କରିବେ ତାର ୧୦ ପ୍ରତିଶତ ପ୍ରମୋଦ କର ଆକାରରେ ଦେବେ ବୋଲି ଆଜି ବିଧାନସଭା ସିଲେକ୍ଟ କମିଟି ବୈଠକରେ ଆପାତତଃ ନିଷ୍ପତ୍ତି ନିଆଯାଇଛି । ଏହାଦ୍ୱାରା ଯେଉଁ କେବୁଲ ଟିଭି ଯେତେ ଅଧିକ ଅର୍ଥ ନେବେ ସେମାନେ ସେତିକି ଅଧିକ ଟିକସ ପ୍ରଦାନ କରିବେ । ଆଜି ବିଧାନସଭା ପରିସରରେ ଅର୍ଥ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଭ୍ୟ ତଥା ବିଧାୟକ ନିରଂଜନ ପଟ୍ଟନାୟକ, କଳ୍ପତରୁ ଦାସ, ସଞ୍ଚିତା ମହାନ୍ତି ଓ ଅରୁଣ ଦେ ପ୍ରମୁଖ ଉପସ୍ଥିତ ଥିଲେ । ସଭ୍ୟମାନେ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଆଦି ଅଞ୍ଚଳରେ ନିଆଯାଉଥିବା ପ୍ରମୋଦ କର ଉପରେ ଆଲୋଚନା କରିବା ପରେ କେବୁଲ ଟିଭି ଉପରେ ୧୦ପ୍ରତିଶତ କର ଧାର୍ଯ୍ୟ କରିବା ଲାଗି ଏକମତ ହୋଇଥିଲେ । ସେହିଭଳି ସିନେମା ହଲ କ୍ଷେତ୍ରରେ ଭିନ୍ନ ଭିନ୍ନ ହାରରେ କର ଧାର୍ଯ୍ୟ ଲାଗି କମିଟି ସହମତି ପ୍ରକାଶ ପାଇଛି । କଟକ ଓ ଭୁବନେଶ୍ୱରରେ ଟିକେଟ ଉପରେ ୨୫ ପ୍ରତିଶତ କର ନେବା ଲାଗି ଆପାତତଃ ସହମତି ପ୍ରକାଶ ପାଇଥିବା ବେଳେ ପୌରାଞ୍ଚଳରେ ୨୦ ପ୍ରତିଶତ, ଏନଏସି ଅଞ୍ଚଳରେ ୧୫ ପ୍ରତିଶତ ଓ ଗ୍ରାମାଞ୍ଚଳ କ୍ଷେତ୍ରରେ ଏହା ୫ ପ୍ରତିଶତ ରହିଛି । ସେହିପରି ଭିଡିଓ ହଲ୍ ଗୁଡିକ କ୍ଷେତ୍ରରେ ମଧ୍ୟ ନିଷ୍ପତ୍ତି ନିଆଯାଇଛି । ଏଠାରେ ଉଲ୍ଲେଖଥାଉକି, ଗତ ବିଧାନସଭାରେ ଏହାକୁ ସିଲେକ୍ଟ କମିଟିକୁ ଦିଆଯାଇଥିଲା ।